**ରାୟଗଡ଼ା ଜିଲ୍ଲା ଭିନ୍ନକ୍ଷମ ମହାସଂଘର ଦାବିପତ୍ର**

# ୨ ମାସ ଧରି ଭତ୍ତା ପାଇବାରୁ ବଞ୍ଚିତ ହିତାଧିକାରୀ



ରାୟଗଡ଼ା,୩୦।୫(ସମିସ)

ଜାତୀୟ ସାମାଜିକ ସୁରକ୍ଷା ଯୋଜନା ଅଧିନରେ ଦୁଇ ମାସ ଧରି ଅଟକିଥିବା ଭତ୍ତା ପ୍ରଦାନ କରିବା ନିମନ୍ତେ ଆଜି ରାୟଗଡ ଜିଲ୍ଲା ଭିନ୍ନକ୍ଷମ ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଉଦ୍ଦେଶ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ସଶକ୍ତିକରଣ ବିଭାଗୀୟ ଅଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାୟଗଡ଼ ଭିନ୍ନକ୍ଷମ ମହାସଂଘର ସଭାପତି ଶିଶିର ରାଉଳ, ସମ୍ପାଦକ ଅମରେନ୍ଦ୍ର ନାଥ ଏବଂ ଅନ୍ୟ ସଦସ୍ୟ ଓ କର୍ମକର୍ତ୍ତା ସମୂହ ପକ୍ଷରୁ ରାୟଗଡ଼ ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ସାମାଜିକ ସୁରକ୍ଷା ଯୋଜନା ଉପରେ ସରକାରଙ୍କୁ ଅନୁରୋଧ କରାଯାଇଛି ଯେ, ଗତ ୨ ମାସ ଧରି ଡିବିଟି ମାଧ୍ୟମରେ ଭତ୍ତା ପାଉଥିବା ସମସ୍ତ ଭତ୍ତା ହିତାଧିକାରୀ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଗତ ଏପ୍ରିଲ ୨୮ ତାରିଖରେ ବିଭାଗୀୟ ଚିଠି ସଂଖ୍ୟା ୪୫୫୨/ ଏସଏସଇପିଡି ଅନୁଯାୟୀ ଏନଏସଏପିର ଭତ୍ତା ନ ଆସିବା ନେଇ ସମସ୍ତ ହିତାଧିକାରୀଙ୍କୁ ସୂଚନା ଦିଆଯାଇ ଆସନ୍ତା ମେ ମାସରେ ୨ ମାସର ଭତ୍ତା ଟଙ୍କା ଏକ ସାଥିରେ ଆସିବ ବୋଲି ମଧ୍ୟ ବିଭାଗ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟ ବଶତଃ ଆଜି ଯାଏଁ ପ୍ରାୟ ୨ ମାସ ହେବ ହିତାଧିକାରୀଙ୍କୁ ଭତ୍ତା ପଇସା ମିଳି ପାରିଲା ନାହି, ଯାହା ଫଳରେ ଅନେକ ହିତାଧିକାରୀ ଆର୍ଥିକ ଅନାଟନ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨ ମାସ ଧରି ଭତ୍ତା ନ ଆସିବା ହେତୁ ଉକ୍ତ ହିତାଧିକାରୀମାନେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ରାୟଗଡ ଜିଲ୍ଲା ଭିନ୍ନକ୍ଷମ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

## ବାପାର ଆତ୍ମହତ୍ୟା; ଅସହାୟ ହୋଇଗଲେ ୩ ଝିଅ

**ଲକ୍ଷ୍ମୀପୁର,୩୦।୫(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ବୁର୍ଜା ସଦର ପଞ୍ଚାୟତରେ ମହେଶ ଖରା ନାମକ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମହେଶ ନିଜ ଘରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ। ଫଳରେ ତାଙ୍କର ୩ ଝିଅ ଏବେ ଅସହାୟ ହୋଇପଡିଛନ୍ତି। ଖବରପାଇ ପୁଲିସ ମୃତଦେହକୁ ଜବତ କରି ଲକ୍ଷ୍ମୀପୁର ମେଡିକାଲକୁ ଆଣିଥିଲେ। ମୃତକଙ୍କ ସାନ ଭାଇର ପୁଅ ଅମନ ଖରା ଏନେଇ ଲକ୍ଷ୍ମୀପୁର ଥାନାରେ ଏତଲା ଦେଇଥିଲେ। ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ଥାଉ କି, ମହେଶର ସ୍ତ୍ରୀ କିଛି ଦିନ ତଳେ ଦୁଇ ବର୍ଷର ଏକ ଶିଶୁ କନ୍ୟାକୁ ଧରି ଅନ୍ୟ ଏକ ପୁରୁଷ ସହ ଚାଲିଯାଇଥିଲେ। ଏହାପରେ ମହେଶ ଏକ ଲିଖିତ ଅଭିଯୋଗ ଲକ୍ଷ୍ମୀପୁର ଥାନାରେ କରିଥିଲେ। ପରେ ମାନସିକ ଭାରସାମ୍ୟ ହରାଇ ମହେଶ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ତାଙ୍କର ୩ ଝିଅ ଅନାଥ ହେବା ସହ ନିରାଶ୍ରୟ ହୋଇ ପଡିଛନ୍ତି। ଏହି ତିନି ପିଲାଙ୍କୁ ସରକାର ଥଇଥାନ କରିବାକୁ ସଧାରଣରେ ଦାବି ହୋଇଛି।

**● ପାରିବାରିକ କଳହର କରୁଣପରିଣତି**

## ୩ ଛୁଆକୁ ଛାଡ଼ି ଆରପାରିରେ ମାଆ

**ଲମତାପୁଟ,୩୦।୫(ସମିସ):** ଗତ ଶୁକ୍ରବାର କୋରାପୁଟ ଜିଲ୍ଲା ଲମତାପୁଟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦକୁ ନେଇ ଦେଖାଦେଇଥିଲା ଉତ୍ତେଜନା । ମୃତଦେହକୁ ବ୍ୟବେଚ୍ଛେଦ ପାଇଁ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣାଯାଇଥିଲା। ଶବ ବ୍ୟବଚ୍ଛେଦରେ ଡାକ୍ତରଙ୍କ ବିଳମ୍ବକୁ ନେଇ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକ ହୋହଲ୍ଲା କରିବା ସହିତ ପୁଲିସ ଗାଡିକୁ ମଧ୍ୟ ଭଙ୍ଗା ରୁଜା କରିଥିଲେ। କିଛି କାରଣବଶତଃ ଶବ ବ୍ୟବଚ୍ଛେଦ କରିବାକୁ ଡାକ୍ତରମାନେ ମନା କରିଥିଲେ। ମାଛକୁଣ୍ଡ ଓ ଲମତାପୁଟ ପୋଲିସ ଓ ସ୍ଥାନୀୟ ଜନପ୍ରତିନିଧି ଡାକ୍ତରଙ୍କୁ ବୁଝାସୁଝା କରିବା ପରେ ଶବ ବ୍ୟବଚ୍ଛେଦ କାର୍ଯ୍ୟ ସମ୍ପନ୍ନ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ସୂଚନାନୁଯାୟୀ, ପାରିବାରିକ ଗଣ୍ଡଗୋଳରେ ସ୍ତ୍ରୀକୁ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ଆଣିଲେ ସ୍ତ୍ରୀର ପରିବାର ଲୋକେ। କିନ୍ତୁ ସ୍ୱାମୀ ସୁବାସ ଖିଲଙ୍କ କହିବା ଅନୁସାରେ ଖଟରେ ଶୋଇଥିବା ସମୟରେ କୌଣସି କାରଣବଶତଃ ତଳେ ପଡ଼ି ସ୍ତ୍ରୀର ମୃତ୍ୟୁ ହୋଇଛି। ପୁଲିସର ତଦନ୍ତ ଜାରି ରହିଛି। କେସ ନଂ ୮୨/୨୬ ରେ ଏକ ମାମଲା ରୁଜୁ କରାଯାଇଛି। ତଦନ୍ତ ପରେ ମୃତ୍ୟୁର ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି।

**ମେଡିକାଲରେ ଶବ ବ୍ୟବଚ୍ଛେଦରେ ବିଳମ୍ବକୁ ନେଇ ହୋ ହାଲ୍ଲା**

**● ୧୪ ବର୍ଷରୁ କମ୍ ସିଏମ୍ ଟ୍ରଫି ଆନ୍ତଃ ଜିଲ୍ଲା ଫୁଟବଲ ଚାମ୍ପିଅନ୍‌ସିପ୍**

## ଭାଗନେବାକୁ ବାଳକ ଓ ବାଳିକା ଦଳର ବ୍ରହ୍ମପୁର ଗସ୍ତ

ମାଲକାନଗିରି,୩୦।୫(ସମିସ)

୧୪ ବର୍ଷରୁ କମ୍ ସିଏମ୍ ଟ୍ରଫି ଆନ୍ତଃ ଜିଲ୍ଲା ଫୁଟବଲ ଚାମ୍ପିୟନସିପ ୨୦୨୬ ପାଇଁ ଆଜି ମାଲକାନଗିରି ଜିଲ୍ଲାର ଉଭୟ ବାଳକ ଓ ବାଳିକା ବର୍ଗର ୩୫ ଜଣ କ୍ରୀଡ଼ାବିତ ବ୍ରହ୍ମପୁର ଗସ୍ତ କରିଛନ୍ତି। ବ୍ରହ୍ମପୁର ଷ୍ଟାଡିୟମଠାରେ ଜୋନର ଗାନ୍ଧୀ ଷ୍ଟାଡିୟମଠାରେ ମୋଟ ୮ ଟି ଜିଲ୍ଲାର ଦଳ ଅଂଶ ଗ୍ରହଣ କରିବେ। ଏହି ଚମ୍ପିୟନସିପ ଆସନ୍ତା ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଜି ମାଲକାନଗିରି ଜିଲ୍ଲାର ୧୬ ଜଣ ବାଳକ ଓ ୧୯ ଜଣ ବାଳିକା କ୍ରୀଡ଼ାବିତଙ୍କ ସହ କୋଚ କେ.ଜେମ୍ସ ପାଉଲ ଓ ମ୍ୟାନେଜର ଭିମା ପଡିଆମୀ ବ୍ରହ୍ମପୁର ଅଭିମୁଖେ ଏକ ଘରୋଇ ବସରେ ଯାତ୍ରା ଆରମ୍ଭ କରିଛନ୍ତି। ମାଲକାନଗିରି ଦଳ ଆସନ୍ତା ୧ ତାରିଖରେ ଗଞ୍ଜାମ ଦଳ, ଆସନ୍ତା ୩ ତାରିଖରେ ନବରଙ୍ଗପୁର ଓ ଆସନ୍ତା ଜୁନ ୫ ତାରିଖରେ କୋରାପୁଟ ଦଳ ସହ ଖେଳିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆସନ୍ତା ୭ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଦଳ ଗସ୍ତ ସମୟରେ ଜିଲ୍ଲା କ୍ରୀଡା ଅଧିକାରୀ ମୁନ୍ନା ତୁରୁକ, ଜିଲ୍ଲା ଅଥଲେଟିକ ଆସୋସିଏସନ କୋଷାଧକ୍ଷ ଏସ. ପ୍ରସାଦ ରାଓ, ସଦସ୍ୟ ଦୁର୍ଗା ପ୍ରସାଦ ପଟ୍ଟନାୟକ, ସୁବ୍ରତ ମଲ୍ଲିକଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ରହି କ୍ରୀଡ଼ାବିତ ମାନଙ୍କୁ ଉଚ୍ଚମାନର କ୍ରୀଡା ପ୍ରଦର୍ଶନ କରିବାକୁ ପରାମର୍ଶ ଦେବା ସହ ଶୁଭକାମନା ଜଣାଇଥିଲେ। ବାଳକ ଦଳର କୋଚ ଭାବେ ତ୍ରିଲୋଚନ ମିଶ୍ର, ମ୍ୟାନେଜର ଭାବେ ଶତ୍ରୁଘ୍ନ ବେହେରା ଓ ବାଳିକା ଦଳର କୋଚ ଭାବେ ଗାଙ୍ଗି ଦୁରୁକା ଏବଂ ମ୍ୟାନେଜର ଭାବେ ଚନ୍ଦ୍ର ନାୟକ ଗସ୍ତ କରିଛନ୍ତି।



**ଟ୍ରକ୍ ମାଲିକ ସଙ୍ଘ ନିର୍ବାଚନ**

## କୋଣ୍ଡାବାବୁ ସଭାପତି, ରାମ ମୋହନ ସାଧାରଣ ସମ୍ପାଦକ



ରାୟଗଡ଼ା,୩୦।୫(ସମିସ)

ରାୟଗଡ ଟ୍ରକ ମାଲିକ ସଂଘ ନିର୍ବାଚନ ଆଜି ଶାନ୍ତି ଶୃଙ୍ଖଳା ମଧ୍ୟରେ ସମାପ୍ତ ହୋଇଛି। ରାୟଗଡ ସହରର ନିୟୁ କଲୋନୀ ସ୍ଥିତ କପିଳାସ ହୋଟେଲ ରାସ୍ତାରେ ଥିବା ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ଆଜି ସକାଳ ୯ ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହୋଇଥିବା ବେଳେ ଅପରାହ୍ନ ୪ଟାରୁ ରାତ୍ର ସାଢେ ୮ପର୍ଯ୍ୟନ୍ତ ଭୋଟ ଗଣତି ପରେ ଫଳାଫଳ ଘୋଷଣା କରିଥିଲେ ନିର୍ବାଚନ ଅଧିକାରୀ। ଟ୍ରକ ମାଲିକ ସଂଘ ନୂତନ ସଭାପତି ଭାବେ ପୂର୍ବତନ ସଭାପତି ଯାଲ୍ଲା ଭେଙ୍କେଟେଶ୍ୱର ରାଓ ଓରଫ କୋଣ୍ଡାବାବୁ ନିଜ ନିକଟତମ ପ୍ରତିଦ୍ୱନ୍ଦୀ ବି. ମନ୍ମଧ ରାଓଙ୍କୁ ୨୨ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। କୋଣ୍ଡାବାବୁଙ୍କୁ ୧୭୦ଖଣ୍ଡ ଭୋଟ ମିଳିଥିବା ବେଳେ ପ୍ରତିଦ୍ୱନ୍ଦୀ ମନ୍ମଧ ରାଓଙ୍କୁ ୧୪୮ଖଣ୍ଡ ଭୋଟ ମିଳିଥିବା ବେଳେ ୭ଟି ଭୋଟ ନାକଚ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଆଇନଜୀବୀ ବ୍ରଜସୁନ୍ଦର ନାୟକ ସୂଚନା ଦେଇଛନ୍ତି। ସେହିପରି ଉପ ସଭାପତି ପଦବୀ ନିମନ୍ତେ ୩ ଜଣ ପ୍ରାର୍ଥୀ ନିର୍ବାଚନରେ ଲଢ଼ିଥିବା ବେଳେ ବି. ରମେଶ ୧୧୭ଖଣ୍ଡ ପାଇ ଉପ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ଏବଂ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କେ. ସୁରି ବାବୁଙ୍କୁ ୧୪ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। ଟ୍ରକ ମାଲିକ ସଙ୍ଘର ସାଧାରଣ ସମ୍ପାଦକ ଭାବେ ରାମ ମୋହନ ଗୋପୀ ସେଟି ୧୫୨ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ପ୍ରତିଦ୍ୱନ୍ଦୀ ଶଙ୍କର ରାଓ ଦୋରାଙ୍କୁ ୧୩ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ଭାବେ ପାଣିକ ରାଓ ମହାନନ୍ଦିଆ ଏବଂ କୋଷାଧକ୍ଷ ଭାବେ ପ୍ରଶାନ୍ତ କୁମାର ସାମଲ ନିର୍ବାଚିତ ହୋଇଛନ୍ତି। ସମସ୍ତଙ୍କୁ କୋଣ୍ଡାବାବୁ ଧନ୍ୟବାଦ ଜଣାଇବା ସହ ସଂଘର ଅନେକ ବିକାଶ ମୂଳକ କାମ ବାକି ରହିଛି ଯାହା ସମସ୍ତଙ୍କ ସହଯୋଗରେ ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ପୂରଣ କରିବି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନିର୍ବାଚନ ଫଳାଫଳ ଘୋଷଣା ପରେ କୋଣ୍ଡାବାବୁଙ୍କୁ ସମର୍ଥକମାନେ ଏକ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। କୋଣ୍ଡାବାବୁଙ୍କ ବିଜୟ ପରେ ରାୟଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିଦ୍ୟାଧର ଶବରଙ୍କ ସମେତ ଜିଲ୍ଲା ଓ ରାଜ୍ୟ ବିଜେପି କମିଟି ଏବଂ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବଜାର ବ୍ରାଞ୍ଚ୍ ପୋଷ୍ଟ ଅଫିସ୍ ଉଦ୍‌ଘାଟିତ

**ନବରଙ୍ଗପୁର,୩୦।୫(ସମିସ):** ନବରଙ୍ଗପୁର ଜିଲ୍ଲାର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଆଜି ନୂତନ ଭାବେ ପ୍ରତିଷ୍ଠିତ ବଜାର ବ୍ରାଞ୍ଚ ପୋଷ୍ଟ ଅଫିସ୍ ବିଧାୟକ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର୍ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ଉପସ୍ଥିତ ରହି ଶ୍ରୀ ମାଝୀ କହିଥିଲେ, ଗ୍ରାମାଞ୍ଚଳରେ ଡାକ ସେବାର ବିସ୍ତାର ହେଲେ ସାଧାରଣ ଜନତାଙ୍କୁ ଡାକ, ବ୍ୟାଙ୍କିଂ, ବୀମା ଏବଂ ଅନ୍ୟାନ୍ୟ ସରକାରୀ ସେବା ସହଜରେ ଉପଲବ୍ଧ ହେବ। ଏହା ସ୍ଥାନୀୟ ବ୍ୟବସାୟୀ, ଚାଷୀ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ବହୁ ସୁବିଧା ଆଣିଦେବ। ପୋଷ୍ଟ ଅଫିସ୍ ବିଭାଗର ଅଧିକାରୀଙ୍କ ସୂଚନା ଅନୁଯାୟୀ ବ୍ରାଞ୍ଚ ପୋଷ୍ଟ ଅଫିସ୍ ମାଧ୍ୟମରେ ସ୍ପିଡ୍ ପୋଷ୍ଟ, ପଞ୍ଜିକୃତ ଡାକ, ମନିଅର୍ଡର, ପୋଷ୍ଟାଲ ଲାଇଫ୍ ଇନ୍ସ୍ୟୁରାନ୍ସ, ସୁକନ୍ୟା ସମୃଦ୍ଧି ଯୋଜନା ଓ ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କ ସେବା ମଧ୍ୟ ଉପଲବ୍ଧ ହେବ। ଉଦ୍‌ଘାଟନ ଉତ୍ସବରେ ସ୍ଥାନୀୟ



ଜନପ୍ରତିନିଧି, ଡାକ ବିଭାଗର କର୍ମଚାରୀ ,ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ସମସ୍ତେ ଏହି ନୂତନ ସୁବିଧା ପାଇଁ ଆନନ୍ଦ ପ୍ରକାଶ କରିଛନ୍ତି। ବଜାର ବ୍ରାଞ୍ଚ ପୋଷ୍ଟ ଅଫିସ ଆଜିଠାରୁ ସାଧାରଣ ଜନତାଙ୍କ ପାଇଁ କାର୍ଯ୍ୟକ୍ଷମ ହୋଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପୌର ପରିଷଦର ଅଧ୍ୟକ୍ଷ କୁନୁ ନାୟକ, ପୌର ନିର୍ବାହୀ ଅଧିକାରୀ ଡ଼ ଅଶୋକ କର୍ଣ୍ଣ, ପୋଷ୍ଟାଲ ଅଧୀକ୍ଷକ, ଜୟପୁର ସତ୍ୟବାଦୀ ବିଶ୍ୱାଳ, ପୋଷ୍ଟ ମାଷ୍ଟର ଜିତେନ୍ଦ୍ର କୁମାର ବିଶୋଇ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଅପରାଧୀଙ୍କ ନିଦ ହଜାଇଲାଣି ଏନକାଉଣ୍ଟର ଭୟ

**ବ୍ରହ୍ମପୁର,୩୦।୫(ସମିସ):** ପୁଲିସ କାର୍ଯ୍ୟାନୁଷ୍ଠାନ ଭୟରେ ଛତ୍ରଭଙ୍ଗ ଦେଲେଣି ଅପରାଧୀ। ଏନକାଉଣ୍ଟର ଭୟରେ କେତେକ ସହର ଛାଡ଼ି ଚାଲିଯାଇଥିବା ବେଳେ ଆଉ କେତେକ ସହରକୁ ଆସିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଯେଉଁମାନେ ବର୍ତ୍ତମାନ ବିଭିନ୍ନ ମାମଲାରେ ଜେଲର ଚାରିକାନ୍ଥ ମଧ୍ୟରେ ଅଛନ୍ତି ସେଠାରେ ସେମାନେ ନିଜକୁ ସୁରକ୍ଷିତ ମଣୁଛନ୍ତି। ବାହାରକୁ ଆସିଲେ ରହିଛି ଏନକାଉଣ୍ଟର ଭୟ। ଜେଲ ପରିସର ହିଁ ସୁରକ୍ଷିତ ସ୍ଥାନ ବୋଲି ଭାବି ଜାମିନ ସତ୍ତ୍ୱେ ବାହାରକୁ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଗତ ୧୦ଦିନ ମଧ୍ୟରେ ପୁଲିସ ଗୁଳିର ଶିକାର ହୋଇଛନ୍ତି ୫ ଦୁର୍ଦ୍ଦାନ୍ତ ଅପରାଧୀ। ଏନକାଉଣ୍ଟର ସତ୍ତ୍ୱେ ପୁଲିସକୁ ଖୋଲା ଚାଲେଞ୍ଜ ଦେଇ ସର୍ବସାଧାରଣରେ ଅପରାଧୀ ଘଟାଇଛନ୍ତି ଏକାଧିକ ଘଟଣା। ଯାହାର ଭିଡିଓ ଭାଇରାଲ ହେଉଛି। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ଦଳମାନଙ୍କ ପକ୍ଷରୁ ବାରମ୍ବାର ପ୍ରତିବାଦ ଓ ବିକ୍ଷୋଭ ପରେ ପୁଲିସ ଡିଜି ଅପରାଧୀଙ୍କ ପ୍ରତି କଠୋର ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏକାଧିକ ଏନକାଉଣ୍ଟର ହେଲାଣି। ବ୍ରହ୍ମପୁରରେ ଗତ ୧୦ଦିନ ମଧ୍ୟରେ ୫ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ କାବୁ କରିବାରେ ସକ୍ଷମ ହୋଇଛି ବ୍ରହ୍ମପୁର ପୁଲିସ। ତେବେ ବର୍ତ୍ତମାନର ପରିସ୍ଥିତିରେ ପୁଲିସ କୋଚିଆଙ୍କୁ ଧରି ଏନକାଉଣ୍ଟର କରୁଥିବା ବେଳେ ମୁଖ୍ୟମାନଙ୍କୁ ଅଦାଲତରୁ ଜାମିନ ଆଣିବାକୁ ସୁଯୋଗ ଦେଉଥିବା ଅଭିଯୋଗ ହୋଇଛି। ଅବଶ୍ୟ ସାମ୍ପ୍ରତିକ ପରିସ୍ଥିତିରେ ପୁଲିସର କଠୋର କାର୍ଯ୍ୟାନୁଷ୍ଠାନ ଭୟରେ କିଛି ଅପରାଧି ଯେଉଁମାନେ ଜେଲରେ ଅଛନ୍ତି ଏବଂ ସେମାନଙ୍କୁ କୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିସାରିଛି ସେମାନେ ଭୟରେ ବାହାରକୁ ବାହାରିବାକୁ ପଛଘୁଞ୍ଚା ଦେଉଛନ୍ତି। ଅନୁରୁପ ଭାବେ ପୁଲିସ ପକ୍ଷରୁ ଯଦିଓ ଏନ୍‌କାଉଣ୍ଟର ନେଇ ସମ୍ଭାବ୍ୟ ପ୍ରସ୍ତୁତ ତାଲିକା ପ୍ରକାଶିତ ହୋଇନାହିଁ ତେବେ ଏଭଳି ଏକ ତାଲିକା ପ୍ରସ୍ତୁତ ହେଉଥିବା ନେଇ ପ୍ରଚାର ହୋଇଛି। ଫଳରେ କିଛି ଜଣାଶୁଣା ଓ ଅଭ୍ୟାସଗତ ଅପରାଧୀ ଏନକାଉଣ୍ଟର ଭୟରେ ସହର ବାହାରକୁ ଚାଲି ଯାଇଥିବା ସୂଚନା ମିଳିଛି। ତେବେ ଦିନକୁ ଦିନ ବଢୁଥିବା ଅପରାଧକୁ ନିୟନ୍ତ୍ରଣ କରିବାକୁ ଯାଇ ଅଥବା ପୁଲିସ ମହା ନିର୍ଦ୍ଦେଶକଙ୍କ କଡା ତାଗିଦ ପରେ ନୁହଁ ବରଂ ଅପରାଧୀଙ୍କ ବିରୋଧରେ ପୁଲିସର ଏଭଳି କଡା ଅଭିମୁଖ୍ୟ ସବୁବେଳେ ଜାରି ରହିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସେପଟେ ପୁଲିସ ପକ୍ଷରୁ ହୋଇଥିବା ଏକାଧିକ ଅପରାଧରେ କେବଳ କୋଚିଆଙ୍କୁ ଟାର୍ଗେଟ କରାଯାଉଥିବା ବେଳେ ମୁଖିଆଙ୍କୁ ଛଡା ଯାଉଥିବା ଅଭିଯୋଗ ହୋଇଛି। ଏପରିକି ବିଭିନ୍ନ ଘଟଣାରେ ପ୍ରତ୍ୟକ୍ଷ ଅଥବା ପରୋକ୍ଷରେ ସାମିଲ ଅପରାଧିଙ୍କୁ ଗିରଫ କରିବା ପରିବର୍ତ୍ତେ ସେମାନଙ୍କୁ ଜାମୀନରେ ଆସିବାକୁ ପୁଲିସ ସହଯୋଗ କରୁଥିବା ଅଭିଯୋଗ ହୋଇଛି।



## ଆକ୍ରମଣ ମାମଲାରେ ଫେରାର ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୩୦।୫(ସମିସ):** ଆକ୍ରମଣ ମାମଲାରେ ସମ୍ପୃକ୍ତ ରହି ଫେରାର ଥିବା ଅଭିଯୁକ୍ତକୁ ସଦର ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ହେଲେ ମସିହାଖାଲିର ସଞ୍ଜୟ ନାୟକ(୨୪)। ସୂଚନାଯୋଗ୍ୟ ଯେ, ମସିହାଖାଲି ଗ୍ରାମର ଲିଲି ଦାସଙ୍କୁ ଗତ ବର୍ଷ ଫେବୃଆରୀ ମାସ ୨ତାରିଖରେ ଆକ୍ରମଣ ହୋଇଥିଲା। ତାଙ୍କ ପରିବାର କିଛି ସଦସ୍ୟଙ୍କୁ ମଧ୍ୟ ଆକ୍ରମଣ ହୋଇଥିଲା। ଏଥିରେ ଲିଲି ସମେତ ଏକାଧିକ ଆହତ ହୋଇଥିଲେ। ଏ ନେଇ ସଦର ଥାନାରେ ଅଭିଯୋଗ ପରେ ପୁଲିସ ୭ ଜଣ ଯଥା-ଆର. ଅରୁପ, ବଳିଆ ଗୌଡ଼, ସଞ୍ଜୟ ନାୟକ, ମନୋଜ ସାହୁ, ଜି. ପ୍ରକାଶ, ଲିପୁ ପ୍ରଧାନ ଓ କପଲ ମୁନାଙ୍କ ନାମରେ ମାମଲା ରୁଜୁ କରିଥିଲା। ପୂର୍ବରୁ ଏହି ମାମଲାରେ ଏକାଧିକ ଗିରଫ ହୋଇଥିବା ବେଳେ ସଞ୍ଜୟ ନାୟକ ଫେରାର ଥିଲା। ଶନିବାର ସଞ୍ଜୟକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# କାଳବୈଶାଖୀରେ ଉଡ଼ିଗଲା ଗ୍ରାମଦେବୀଙ୍କ ମନ୍ଦିର ଟିଣ ଛାତ







କୋଷାଗୁମୁଡ଼ା,୩୦।୫(ସମିସ)

ଆଜି ଅପରାହ୍ଣ ୩ଟା ସମୟରେ କାଳ ବୈଖାଖୀ ଝଡ଼ରେ ଗ୍ରାମଦେବୀଙ୍କ ମନ୍ଦିର ଟିଣ ଛାତ ଉଡିବାକୁ ନେଇ ସମୂହ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ସରକାରଙ୍କୁ ଏଥିପାଇଁ ଦାୟୀ କରିଛନ୍ତି। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍‌ର ପଣ୍ଡୁଗୁଡା ପଞ୍ଚାୟତର ପରଜାଗୁଡା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରର ଟିଣ ଛାତ ଆଜିର କାଳ ବୈଶାଖୀ ଝଡରେ ଉଡିଯାଇଛି। ଭାଗ୍ୟବଶତଃ ଅଳ୍ପକେ ବର୍ତ୍ତି ଯାଇଛନ୍ତି ପରଜାଗୁଡା ଗ୍ରାମବାସୀ। ଗ୍ରାମର ବାର୍ଷିକ ବୋଉଲାଣି ପର୍ବ ପାଇଁ ଗ୍ରାମବାସୀ ହଜାରେ ସଂଖ୍ୟାରେ ପିଲା ରୁ ବୁଢ଼ା, ମହିଳାଙ୍କ ଭିଡ଼ ଗ୍ରାମଦେବୀଙ୍କ ମନ୍ଦିର ନିକଟରେ ହୋଇଥିଲା। ଏହି ସମୟରେ ହଠାତ କାଳ ବୈଶାଖୀ ଝଡ ବର୍ଷା ହୋଇଥିଲା। ଏଥିରେ ଗ୍ରାମ ଦେବୀଙ୍କ ଟିଣ ଛପର ଉଡିଯାଇଥିଲା। ଏହି ଘୋଟଣା ପରେ ସମ୍ପୃକ୍ତ ଗ୍ରାମବାସୀ ସରକାରଙ୍କୁ ନିନ୍ଦା କରିବା ସହ ଅସନ୍ତୋଷ ଜାହିର କରିଛନ୍ତି। ପୂର୍ବରୁ ସରକାରଙ୍କ ତରଫରୁ ଅନେକ ଗ୍ରାମ ଗୁଡିକରେ ମନ୍ଦିର ନିର୍ମାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଅର୍ଥ ପ୍ରଦାନ କରିଥିଲେ। କିନ୍ତୁ ପଣ୍ଡୁଗୁଡା ପଞ୍ଚାୟତର ପରଜାଗୁଡା ଗ୍ରାମକୁ କାହିଁକି ସରକାର କିମ୍ବା ପଞ୍ଚାୟତ ଭୁଲି ଗଲେ ବୋଲି ଗ୍ରାମର ଗୁରୁରାମ ଭତ୍ରା, ସୁକଦେବ ଜାନୀ, ଧନର ମୁରିଆ, ବର୍ଜ ପୂଜାରୀ, ଦେବ ପୂଜାରୀ, ସହଦେବ ଭତ୍ରା, ପିତମ ଭତ୍ରା, ତୁଳା ମାଳି, କୂଳଧର ପୂଜାରୀ, ବୋଲି ଗଣ୍ଡା, ଉକୋମ ଭତ୍ରା, ଦେବଦାସ ଭତ୍ରା, ଯୁଗଧର ଭତ୍ରା ପ୍ରମୁଖ କହିଛନ୍ତି। ତୁରନ୍ତ ସ୍ଥାନୀୟ ବିଧାୟକ, ବିଡିଓ କିମ୍ବା ପଞ୍ଚାୟତ ସରପଞ୍ଚଙ୍କ ତରଫରୁ ଏହି ଗ୍ରାମଦେବୀଙ୍କ ମନ୍ଦିର ନିର୍ମାଣ ସକାଶେ ସହଯୋଗ କରିବାକୁ ସମୂହ ଗ୍ରାମବାସୀ ଦାବି କରିଛନ୍ତି।

